## ମାଣ୍ଡିଆ ଫସଲରେ ମହିଷା ରୋଗ ପରିଚାଳନାର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ଖରିଫ୍ ଋତୁରେ ଗଞ୍ଜାମ ଜିଲ୍ଲାରେ ପାଖାପାଖି ୪୫୭୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଥାଏ। ସେଥିରୁ ପାଖାପାଖି ୧୫୦ ହେକ୍ଟରରେ ମହିଷାରୋଗର ପ୍ରାଦୁର୍ଭାବ ଅଧିକ ମାତ୍ରାରେ ଦେଖାଦେଇ ଫସଲ ଅମଳ କମିବାରୁ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼େ। ତେଣୁ କୃଷିବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର ପକ୍ଷରୁ କୁସୁମି ଗ୍ରାମରେ ମାଣ୍ଡିଆ ଫସଲର ଆଗୁଆଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଏହି କ୍ଷେତ୍ର



ପ୍ରଦର୍ଶନରେ ଚାଷୀଭାଇମାନଙ୍କୁ ମହିଷା ରୋଗର ପ୍ରତିକାର ପାଇଁ ନୂତନ ପିଢ଼ି କିଟନାଶକ ଯଥା- Prochloruz+ Prlyelazole ୧ଲି/ହେକ୍ଟର ହିସାବରେ ପ୍ରୟୋଗ କରାଯାଇଥିଲା। ଉକ୍ତ କ୍ଷେତ୍ର ପ୍ରଦର୍ଶନରେ ମହିଷାରୋଗ ଦମନ ସହିତ ଅମଳ ୧୧.୭୪ରୁ ୧୮.୧୨ କ୍ୱିଣ୍ଟାଲ ବୃଦ୍ଧି ଘଟିଥିଲା। ଏହି ଜ୍ଞାନକୌଶଳ କୁସୁମି ଏବଂ ପାଖ ଗ୍ରାମର ଚାଷୀମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଛି।

## ଲଙ୍କା ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନାର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ରବିଋତୁରେ ଉପକୂଳବର୍ତ୍ତୀ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫୪୨୦ ହେକ୍ଟର ଜମିରେ ଲଙ୍କା ଫସଲ ହୋଇଥାଏ। ଉପଯୁକ୍ତ ଖାଦ୍ୟସାର ପରିଚାଳନା ଅଭାବରୁ ଚାଷୀଭାଇମାନେ ଅମଳ କମ୍ ପାଇଥାନ୍ତି। ତେଣୁ କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର ତରଫରୁ ମେଦିନିପୁର, କୁଠାରସିଂ ଗ୍ରାମରେ ଲଙ୍କା ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନାର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ୧ ହେକ୍ଟର ଜମିରେ କରାଯାଇଥିଲା। ଏହି କ୍ଷେତ୍ର ପ୍ରଦର୍ଶନରେ ମୃତ୍ତିକା ପରୀକ୍ଷାଭିତ୍ତିକ



ଯବକ୍ଷାରଜାନ, ଫସ୍‌ଫରସ, ପଟାସ୍ ଯଥାକ୍ରମେ ୧୫୦, ୮୦, ୮୦ କି.ଗ୍ରା ସହିତ ଆଜୋସ୍ପିରିଲମ୍ ଜୀବାଣୁସାର ହେକ୍ଟର ପିଛା ୫ କି.ଗ୍ରା ମାଟିରେ ପ୍ରୟୋଗ କରାଯାଇଥିଲା। ଉକ୍ତ କ୍ଷେତ୍ର ପ୍ରଦର୍ଶନରେ ଅମଳ ୧୫୮.୪ କ୍ୱିଣ୍ଟାଲ ହୋଇଥିବାବେଳେ ଚାଷୀ କ୍ଷେତ୍ରରେ ଅମଳ ୧୨୪.୩ କ୍ୱିଣ୍ଟାଲ ହୋଇଥିଲା। ଚାଷୀମାନେ ଏହି ଜ୍ଞାନକୌଶଳ ଦ୍ୱାରା ଉପକୃତ ହୋଇଥିବା ବେଳେ ଏହାର ଉପଲବ୍ଧତା ନେଇ ସଂଦେହ ପ୍ରକଟ କରିଛନ୍ତି।

## ମାଛ ପ୍ରକ୍ରିୟାକରଣରେ ଉନ୍ନତ ଜ୍ଞାନକୌଶଳର ସଫଳ ରୂପାୟନ

ଉପକୂଳବର୍ତ୍ତୀ ଗଞ୍ଜାମ ଜିଲ୍ଲାର ଆର୍ଥିକ ଓ ସାମାଜିକ ଉନ୍ନତିରେ ମଧୁର ଓ କ୍ଷାର ଜଳରେ ମାଛ ଚାଷ ଏବଂ ୬୦କି.ମି. ପରିମିତ ସମୁଦ୍ରତଟରୁ ମାଛଧରା ବ୍ୟବସାୟ ପ୍ରମୁଖ ଭୂମିକା ଗ୍ରହଣ କରିଛି । କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର ତରଫରୁ ଜିଲ୍ଲାର ମତ୍ସ୍ୟଚାଷ ଓ ମାଛଧରା ଉପରେ ଜୀବିକା ନିର୍ବାହ କରୁଥିବା ଚାଷୀମାନଙ୍କ ପାଖରେ ମାଛ ଧରିଲା ପରେ ତାହାର ସଂରକ୍ଷଣରେ ମାନବୃଦ୍ଧି ଏବଂ ଉନ୍ନତ ପ୍ରକ୍ରିୟାକରଣ କାର୍ଯ୍ୟକ୍ରମ ମାଧ୍ୟମରେ ମାଛର ଗୁଣବତ୍ତା ଓ ସଂରକ୍ଷଣ ସମୟ ବୃଦ୍ଧି ନିମନ୍ତେ ବିଭିନ୍ନ ଖାଦ୍ୟ ଉପଯୋଗୀ ପ୍ରିଜରଭେଟିଭ୍ ଓ ଆଣ୍ଟି ଅକ୍ସିଡାଣ୍ଟର ମିଶ୍ରଣ (କାଲ୍‌ସିୟମ୍ ପ୍ରପିଓନେଟ୍, ସୋଡିୟମ୍ ବେନ୍‌ଜୋଏଟ୍, ପଟାସିୟମ୍ ସରବେଟ୍, ବି.ଏଚ୍.ଏ., ବି.ଏଚ୍.ଟି)ର ପ୍ରୟୋଗ ଆଦି ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା। ମାଛ ତାପ ନିରୋଧକ ପେଟିର ଉପଯୋଗ ଏବଂ ମୂଲ୍ୟଯୁକ୍ତ ଖାଦ୍ୟଦ୍ରବ୍ୟ ଯଥା ମାଛ ଓ ଚିଙ୍ଗୁଡ଼ି ଆଚାର, ସୁପ୍ ପାଉଡର୍, କଟଲେଟ୍, ରୋଲ୍, ଫିଙ୍ଗର୍ ଇତ୍ୟାଦି ପ୍ରସ୍ତୁତ ଉପରେ କ୍ଷେତ୍ରପ୍ରଦର୍ଶନୀ କରାଯିବା ସହିତ କର୍ମଶାଳା ମଧ୍ୟ ଆୟୋଜନ କରାଯାଇଥିଲା । ଉକ୍ତ ପ୍ରଦର୍ଶନୀରେ ମାଛ ଓ ଚିଙ୍ଗୁଡ଼ିକୁ ପ୍ରାୟ ୬ ଘଣ୍ଟା ପର୍ଯ୍ୟନ୍ତ ସତେଜ ରଖିପାରିବା ସହିତ ମୂଲ୍ୟଯୁକ୍ତ ଖାଦ୍ୟପଦାର୍ଥର ଗୁଣବତ୍ତା ମୂଲ୍ୟାଙ୍କ ଯଥା ପେରକ୍ସାଇଡ ମୂଲ୍ୟ, ସମ୍ବେଦନଶୀଳ ମୂଲ୍ୟାଙ୍କ ଏବଂ ସମୁଦାୟ ଅସ୍ଥିର କ୍ଷାର ଯବକ୍ଷାରଜାନ (ଟି.ଭି.ବି.ଏନ୍.) ମୂଲ୍ୟ ଯଥାକ୍ରମେ ୨.୨୭ମିଲି/କିଗ୍ରା; ୯.୧୫;୪୩.୨୭ ମି.ଗ୍ରା. ପ୍ରତିଶତ ଅନୁମୋଦିତ ମୂଲ୍ୟାଙ୍କ ପରିସୀମା ଭିତରେ ରହିଥିଲା। ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମ ଯଥା- ହରିପୁର, ସୁନପୁର, ବକ୍ସିପଲୀ, ଆର୍ଯ୍ୟପଲ୍ଲୀ, ରଙ୍ଗେଇଲୁଣ୍ଡା, ମାର୍କଣ୍ଡୀ, ପୋଡମପେଟା, ସୁବାଣି, ସୁରଳ, ଝରପଲ୍ଲୀ, କିଶୋରଚନ୍ଦ୍ରପୁର ଇତ୍ୟାଦି ଗ୍ରାମରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଓ ମତ୍ସ୍ୟଜୀବୀମାନେ ଉପକୃତ ହୋଇଛନ୍ତି ।













## ଆନ୍ତର୍ଜାତୀୟ ମିଲେଟ୍ ବର୍ଷ-୨୦୨୩ ଉପଲକ୍ଷେ କୃଷକ ମେଳା

କୃଷିବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର ତରଫରୁ ଗତ ମାର୍ଚ୍ଚ ମାସ ୨୭ ତାରିଖରେ ଆନ୍ତର୍ଜାତୀୟ ମିଲେଟ ବର୍ଷ ଉପଲକ୍ଷେ ଏକ କୃଷକ ମେଳା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ମେଳାର ସଭାପତିତ୍ୱ କରି ମାଣ୍ଡିଆ, ସୁଆଁ, ବାଜରା, ଜୋଆର ଆଦି ଫସଲର ଉପକାରିତା ଓ ବୈଜ୍ଞାନିକ ପ୍ରଣାଳୀରେ ଏହାର ଚାଷ ସମ୍ବନ୍ଧରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସଂପ୍ରସାରଣ ବୈଜ୍ଞାନିକ ମାଣ୍ଡିଆ ଜାତୀୟ ଫସଲରେ ଜୈବିକ ଖତ ଓ ସାର ପ୍ରୟୋଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବୈଜ୍ଞାନିକ ସୁଶ୍ରୀ ଚୌଧୁରୀ ମାଣ୍ଡିଆର ବିଭିନ୍ନ ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତି ସଂପର୍କରେ




ଚାଷୀମାନଙ୍କୁ ବୁଝାଇ ଥିଲେ ଓ ଶସ୍ୟ ସଂରକ୍ଷଣ ବୈଜ୍ଞାନିକ କ୍ଷୁଦ୍ରସଶ୍ୟ ଫସଲରେ ରୋଗ, ପୋକ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଖପାଖ ପାଞ୍ଚଟି ଗ୍ରାମରୁ ୧୦୦ରୁ ଉର୍ଦ୍ଧ୍ୱ କୃଷକ ଓ କୃଷିଜୀବୀ-ମହିଳାଙ୍କ ଯୋଗଦାନ ମେଳାକୁ ସାଫଲ୍ୟମଣ୍ଡିତ କରିଥିଲା।

## ଜିଲ୍ଲାସ୍ତରୀୟ କୃଷକ ମେଳାରେ ଡ୍ରୋନ୍ ପ୍ରଦର୍ଶନ




ପାଞ୍ଚ ଦିନ ବ୍ୟାପୀ ଜିଲ୍ଲାସ୍ତରୀୟ କୃଷକମେଳା ବ୍ରହ୍ମପୁରର ଖଲିକୋଟ କଲେଜ ପଡ଼ିଆରେ ଗତ ଜାନୁଆରୀ ମାସ ୧୨ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି କୃଷକ ମେଳାରେ କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର ଦ୍ୱାରା ଏକ ଷ୍ଟଲ ଖୋଲାଯାଇ ସେଥିରେ ମିଲେଟ୍ କ୍ଷୁଦ୍ର ଶସ୍ୟର ବିଭିନ୍ନ କିସମ ସହିତ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ମୂଲ୍ୟଯୁକ୍ତ ଦ୍ରବ୍ୟ, କୃଷି ଯନ୍ତ୍ରପାତିର ବିଭିନ୍ନ ମଡେଲମାନ ପ୍ରଦର୍ଶନ ହୋଇଥିଲା। ବ୍ରହ୍ମପୁର ମେଳାର ପ୍ରଥମ ଦିବସରେ କୃଷିକ୍ଷେତ୍ରରେ 'ଡ୍ରୋନ୍' ବ୍ୟବହାରର ଏକ ପ୍ରଦର୍ଶନର ଆୟୋଜନ କରାଯାଇଥିଲା। ଚାଷୀମାନେ ଆଗ୍ରହର ସହ ଡ୍ରୋନ୍‌ର କାର୍ଯ୍ୟକଳାପ ଦେଖୁଥିଲେ। ଜିଲ୍ଲାର ଜିଲ୍ଲାପାଳ ଶ୍ରୀଯୁକ୍ତ ଦିବ୍ୟଜ୍ୟୋତି ପରିଡ଼ା ପ୍ରଦର୍ଶନୀ ଷ୍ଟଲ ବୁଲି ଦେଖିଥିଲେ। ଗଞ୍ଜାମ ଜିଲ୍ଲାରୁ ବହୁ ସଂଖ୍ୟାରେ କୃଷକ ଓ କୃଷିଜୀବୀ ମହିଳା ଯୋଗଦାନ କରିଥିଲେ ।

## ବିଶ୍ୱ ମୃତ୍ତିକା ଦିବସ ପାଳନ

କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ମେଦିନିପୁର ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର ତରଫରୁ ୫ ଡିସେମ୍ବର ୨୦୨୨ ଦିନ ବିଶ୍ୱ ମୃତ୍ତିକା ଦିବସ ପାଳିତ ମହାସମାରୋହରେ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଓ ବରିଷ୍ଠ ବୈଜ୍ଞାନିକଙ୍କ ସହ ସମସ୍ତ ବିଭାଗର ବୈଜ୍ଞାନିକମାନେ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ, ମୃତ୍ତିକା ପରୀକ୍ଷାର ଆବଶ୍ୟକତା, ସମସ୍ୟା ବହୁଳ ମାଟିର ପରିଚାଳନା, ଜୀବଣୁସାର, ସବୁଜସାର, ଜିଆଖତ, ମୃତ୍ତିକା ସଂରକ୍ଷଣ ବିଷୟରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ ମୁଖ୍ୟ ଅତିଥି ଭାବେ



ଯୋଗ ଦେଇ ୩୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଚାଷୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ।